**ବିଦ୍ୟା ଭାରତୀ**

# ଶିକ୍ଷା ବିକାଶ ସମିତି, ଓଡ଼ିଶା

ପଞ୍ଜିକରଣ କ୍ରମାଙ୍କ : ବି.ବି.ଏସ୍.ଆର. ୪୭୮୩୮/୧୯୮୪-୮୫ ଏବଂ ୨୨୪୮୬/୭୬/୨୦୦୭-୦୮ ରେଜିଷ୍ଟ୍ରାର ଅଫ ସୋସାଇଟିଜ୍, ଓଡ଼ିଶା, କଟକ ।
ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ, ଲକ୍ଷ୍ନୌ ସହ ଅନୁବନ୍ଧିତ

ସରସ୍ୱତୀ କୁଞ୍ଜ, ଇ - ୫୯, ସେକ୍ଟର - ଏ, ଜୋନ୍ - ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
ଦୂରଭାଷ - ୯୪୩୭୩୯୪୪୭୭ E-mail : svsodisha1977@gmail.com, Website : www.svodisha.com

*ପତ୍ରାଙ୍କ : ୧୭୦୩/୨୩* *ତାରିଖ : ୧୬.୧୦.୨୦୨୩*

**ପ୍ରାପ୍ତେଷୁ,**

**ସମସ୍ତ ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ**
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଓଡ଼ିଶା ।

**ବିଷୟ : ଶିକ୍ଷାବର୍ଷ ୨୦୨୪-୨୦୨୫ ନିମନ୍ତେ ଆଚାର୍ଯ୍ୟ ଚୟନ ଓ ଯୋଗଦାନ ସମ୍ବନ୍ଧେ ।**

**ପ୍ରିୟବନ୍ଧୁ,**

ସାଦର ପ୍ରଣାମ । ଆସନ୍ତା ଶିକ୍ଷାବର୍ଷ ୨୦୨୪-୨୫ ନିମନ୍ତେ ଆଚାର୍ଯ୍ୟ ଚୟନ ଓ ସେବାରେ ଯୋଗଦାନ ସମ୍ବନ୍ଧେ ନିର୍ଦ୍ଧାରିତ ନିମ୍ନୋକ୍ତ ସୂଚନା ଆପଣଙ୍କ ଅବଗତି ନିମନ୍ତେ ପଠାଗଲା । ତଦନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ ।

**ବିବିଧ କାର୍ଯ୍ୟ ଓ ଦିନାଙ୍କ ଆଧାରିତ ସୂଚନା :-**

୧. ଚଳିତ ଶିକ୍ଷାବର୍ଷ (୨୦୨୩-୨୦୨୪) ନିମନ୍ତେ ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ଆଚାର୍ଯ୍ୟ ଚୟନ କରାଯାଇ ପ୍ରତ୍ୟେକ ଶିଶୁ ବିଦ୍ୟା ମନ୍ଦିରକୁ ସ୍ୱତନ୍ତ୍ର ପ୍ୟାନେଲମାନ ପଠାଯାଇଥିଲା । ଉକ୍ତ ପ୍ୟାନେଲଭୁକ୍ତ ପ୍ରାର୍ଥୀମାନଙ୍କ ମଧ୍ୟରୁ ଯଦି କେହି ୦୨ ନଭେମ୍ବର ୨୦୨୩ (**ଆଚାର୍ଯ୍ୟ ଆବଶ୍ୟକ** ସମ୍ବନ୍ଧୀୟ ଖବର କାଗଜରେ ପ୍ରଦତ୍ତ ବିଜ୍ଞାପନ ପ୍ରକାଶନର ପୂର୍ବଦିନ) ସୁଦ୍ଧା ସେବାରେ ଯୋଗଦାନ କରି ନଥାନ୍ତି ତେବେ ସେମାନଙ୍କ ନାମ ଅଯୋଗ୍ୟ (Invalid) ବିବେଚିତ ହେବ ।

୨. (କ) ଉକ୍ତ ଆଚାର୍ଯ୍ୟ ଚୟନ ସମ୍ବନ୍ଧୀୟ ବିଜ୍ଞାପନ ଆସନ୍ତା ୦୩ ଓ ୦୬ ନଭେମ୍ବର ୨୦୨୩ରେ ଦୈନିକ ଖବରକାଗଜ 'ସମାଜ' ଓ ସାପ୍ତାହିକ 'ରାଷ୍ଟ୍ରଦୀପ'ର ନଭେମ୍ବର ମାସର ପ୍ରଥମ ସପ୍ତାହରେ ପ୍ରକାଶ ପାଇବ ।

(ଖ) ପ୍ରତ୍ୟେକ ଶିଶୁ ବିଦ୍ୟା ମନ୍ଦିର ଉକ୍ତ ବିଜ୍ଞାପନ ଆଧାରରେ ସ୍ଥାନୀୟ ସ୍ତରରେ ନିଜ ଶିଶୁ ବିଦ୍ୟା ମନ୍ଦିରର ବିଜ୍ଞାପନ ଫଳକ ଓ ସର୍ବସାଧାରଣ ସ୍ଥାନମାନଙ୍କରେ ନିଜର ଆବଶ୍ୟକତାକୁ ଭିତ୍ତିକରି ଆସନ୍ତା ତା ୦୭ ରୁ ୦୯ ନଭେମ୍ବର ୨୦୨୩ ମଧ୍ୟରେ ପ୍ରକାଶ କରିବେ ।

(ଗ) ଆବେଦନ ପତ୍ର ସଂକୁଳ କେନ୍ଦ୍ରରେ ତା ୦୫ ନଭେମ୍ବର ୨୦୨୩ରିଖ ସୁଦ୍ଧା ପହଞ୍ଚାଯିବାର ବ୍ୟବସ୍ଥା କରାଯିବ ।

(ଘ) ଆବେଦନ ପତ୍ର ସଂକୁଳ କେନ୍ଦ୍ରରୁ ତା ୦୬ ଓ ୦୭ ନଭେମ୍ବର ୨୦୨୩ ରିଖରେ ପ୍ରାପ୍ତ ହୋଇପାରିବେ ।

(ଙ) ଆବେଦନ ପତ୍ର ପ୍ରତ୍ୟେକ ବିଦ୍ୟାଳୟରେ ତା ୧୫ ନଭେମ୍ବର ଠାରୁ ୦୮ ଡିସେମ୍ବର ୨୦୨୩ରିଖ ପର୍ଯ୍ୟନ୍ତ ବିକ୍ରୟ କରାଯିବ ।

(ଚ) ଆବେଦନ ପତ୍ର ବିକ୍ରୟ ଓ ଦାଖଲର ଶେଷ ଦିନାଙ୍କ ତା ୦୮ ଡିସେମ୍ବର ୨୦୨୩ରିଖ ସ୍ଥିର ଅଛି ।

(ଛ) ଆବେଦନ ପତ୍ର ବିଦ୍ୟାଳୟ ସ୍ତରରେ ତା ୦୯ ରୁ ୧୧ ଡିସେମ୍ବର ୨୦୨୩ରିଖ ମଧ୍ୟରେ ଯାଞ୍ଚ କରିବାର ବ୍ୟବସ୍ଥା ରହିବ ।

(ଜ) ଆବେଦନ ପତ୍ରଗୁଡ଼ିକ ସମ୍ଭାଗ ଦ୍ୱାରା ଚୟନିତ କେନ୍ଦ୍ରକୁ ତା ୧୮ ରୁ ୨୦ ଡିସେମ୍ବର ୨୦୨୩ରିଖ ମଧ୍ୟରେ ନିଜେ ପ୍ରଧାନାଚାର୍ଯ୍ୟ ପହଞ୍ଚାଇବେ ।

(ଝ) ସମ୍ପୃକ୍ତ ପ୍ରାର୍ଥୀଙ୍କ ପ୍ରବେଶ ପତ୍ର (Admit Card)ପରୀକ୍ଷା ଦିନାଙ୍କର ଅନ୍ୟୂନ ୧୦ଦିନ ପୂର୍ବରୁ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ Website :- www.svsodisha.comରୁ ପ୍ରାପ୍ତ ହେବାର ବ୍ୟବସ୍ଥା ରହିବ ।

୩. ଆଚାର୍ଯ୍ୟ ଚୟନ ପରୀକ୍ଷା ଦିନାଙ୍କ :

<table>
<tr><th>କ୍ର</th><th>ବିଭାଗ</th><th>ବିଷୟ</th><th>ଚୟନ ପରୀକ୍ଷା ଦିନାଙ୍କ</th></tr>
<tr><td>କ</td><td>ଶିଶୁ ମନ୍ଦିର</td><td>ସାଧାରଣ ବିଷୟ</td><td>ତା ୦୪ ଓ ୨୫ ଫେବୃଆରୀ ୨୦୨୪</td></tr>
<tr><td>ଖ.</td><td>ଶିଶୁ ମନ୍ଦିର</td><td>କ୍ଲାସିକାଲ ବିଷୟ :<br>ହିନ୍ଦୀ, ସଂସ୍କୃତ, ସଂଗୀତ, ନୃତ୍ୟ, ଚିତ୍ରକଳା, କାର୍ଯ୍ୟାଳୟ, P.E.T., କମ୍ପ୍ୟୁଟର ଓ ଯୋଗ</td><td rowspan="2">ତା ୧୧ ଫେବୃଆରୀ, ୨୦୨୪</td></tr>
<tr><td>ଗ.</td><td>ବିଦ୍ୟା ମନ୍ଦିର</td><td>ଓଡ଼ିଆ, ଇଂରାଜୀ, ସଂସ୍କୃତ, ହିନ୍ଦୀ, ଇତିହାସ, ଭୂଗୋଳ, P.E.T.<br>ବିଜ୍ଞାନ (PCM, CBZ),ଗଣିତ</td></tr>
<tr><td>ଘ.</td><td>ନୂତନ ଶିଶୁ ମନ୍ଦିର</td><td>ସାଧାରଣ ବିଷୟ</td><td>ତା ୨୫ ଫେବୃଆରୀ, ୨୦୨୪</td></tr>
</table>

୪. ନୂତନ ଆଚାର୍ଯ୍ୟ ପ୍ୟାନେଲ ସଂକୁଳ ସଂଯୋଜକମାନେ ଆସନ୍ତା ତା ୧୭ ମାର୍ଚ୍ଚ ୨୦୨୪ରିଖରେ ସମ୍ଭାଗ କାର୍ଯ୍ୟାଳୟ କିମ୍ବା ସମ୍ଭାଗ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରୁ ପ୍ରାପ୍ତ ହେବେ ।

୫. ପ୍ରତ୍ୟେକ ପ୍ରଧାନାଚାର୍ଯ୍ୟ ନିଜ ସଂକୁଳ କେନ୍ଦ୍ରରୁ ପ୍ୟାନେଲ ତା ୨୪ ମାର୍ଚ୍ଚ ୨୦୨୪ରିଖ ସୁଦ୍ଧା ପ୍ରାପ୍ତ ହେବେ ।

୬. ବିଦ୍ୟାଳୟର ଆଚାର୍ଯ୍ୟଆଚାର୍ଯ୍ୟା ଆବଶ୍ୟକତା ଅନୁସାରେ ପରିଚାଳନା ସମିତି ଅନୁମୋଦନ କ୍ରମେ ତଥା କ୍ରମାନ୍ୱୟରେ ଉକ୍ତ ପ୍ୟାନେଲରୁ ଏପ୍ରିଲ ପ୍ରଥମ ସପ୍ତାହ ୨୦୨୪ରେ ଯୋଗଦାନ କରାଇବା ସହିତ 'ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ'କୁ ନିଶ୍ଚିତ ପଠାଇବେ ।

୭. ୨୦୨୪ ଗ୍ରୀଷ୍ମ ଅବକାଶ ସମୟରେ 'ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ' ବ୍ୟବସ୍ଥା ରହିବ । ଏ ବିଷୟରେ ପରବର୍ତ୍ତୀ ସମୟରେ ପ୍ରାନ୍ତ ବା ସମ୍ଭାଗ ତରଫରୁ ସୂଚନା ପ୍ରାପ୍ତ ହେବେ ।

୮. ଆବେଦନକାରୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା :- ଶିଶୁ ମନ୍ଦିର ସାଧାରଣ ବିଷୟ ପାଇଁ ସ୍ନାତକ ସହିତ B.Ed, କିମ୍ବା +୨ ସହିତ CT/D.El.Ed., ବିଦ୍ୟାମନ୍ଦିର ନିମନ୍ତେ B.Ed ସହିତ ସଂପୃକ୍ତ ବିଷୟରେ ସ୍ନାତକ, କମ୍ପ୍ୟୁଟର ପାଇଁ +୩ରେ କମ୍ପ୍ୟୁଟର ବିଷୟ କିମ୍ବା ବି.ସି.ଏ ବା କୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱ ବିଦ୍ୟାଳୟରୁ ତତୁଲ୍ୟ ଯୋଗ୍ୟତା, ହିନ୍ଦୀ ବିଷୟ ପାଇଁ +୩ ସହିତ B.Ed ଥାଇ କୋବିଦ/ରତ୍ନ କିମ୍ବା +୩ ରେ ହିନ୍ଦୀ ବିଷୟ ଥାଇ B.Ed, ସଂସ୍କୃତ ବିଷୟ ପାଇଁ ସ୍ୱୀକୃତିପ୍ରାପ୍ତ ବିଶ୍ୱ ବିଦ୍ୟାଳୟରୁ ଶିକ୍ଷା ଶାସ୍ତ୍ରୀ ବା ତତୁଲ୍ୟ କିମ୍ବା +୩ ରେ ସଂସ୍କୃତ ବିଷୟ ଥାଇ B.Ed, ଚିତ୍ରକଳା ପାଇଁ B.F.A., ସଙ୍ଗୀତ ପାଇଁ B. Music, ନୃତ୍ୟ ପାଇଁ B. Dance, PET ପାଇଁ +୩ ସହିତ C.P.Ed., B.P.Ed., ଯୋଗ ପାଇଁ +୩ ସହିତ Diploma in Yoga କିମ୍ବା ତଦୁର୍ଦ୍ଧ୍ୱ, କାର୍ଯ୍ୟାଳୟ ସହାୟକ ନିମନ୍ତେ ସ୍ନାତକ ସହିତ Tally, Computerରେ ଦକ୍ଷତା ଥିଲେ ଆବେଦନ କରିପାରିବେ ।

୯. (କ) ଆଚାର୍ଯ୍ୟ ଚୟନ କାର୍ଯ୍ୟ ସମ୍ଭାଗ ସଂପାଦକଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହେବ ଓ ସେ ଚୟନ ସମିତିର ସଂଯୋଜକ ରହିବେ ।

(ଖ) କୌଣସି ପରିସ୍ଥିତିରେ ସ୍ଥାନୀୟ ସ୍ତରରେ ଜେରକ୍ସ (ଅବିକଳ ନକଲ) କରାଯାଇଥିବା ଆବେଦନ ପତ୍ର ଗ୍ରହଣୀୟ ହେବ ନାହିଁ ।

(ଗ) ଆବେଦନ ପତ୍ର ଗୋଟିକୁ ଟ.୨୦୦.୦୦ (ଦୁଇଶହ ଟଙ୍କା ମାତ୍ର) ରେ ବିକ୍ରୟ ହେବ । ଏହି ଦାମ୍ ଠାରୁ ଅଧିକ କିମ୍ବା କମ୍ ଦାମ୍‌ରେ ବିକ୍ରୟ ହେବ ନାହିଁ । ଅଧିକରୁ ଅଧିକ ଆବେଦନ ପତ୍ର ବିକ୍ରୟ ହେବା ଆବଶ୍ୟକ । ବିକ୍ରୟ ହୋଇଥିବା ସମସ୍ତ ଆବେଦନ ପତ୍ରର ମୋଟ ଧନରାଶି ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ Website :- www.svsodisha.com ମାଧ୍ୟମରେ ପ୍ରଦାନ କରିବେ । ତତ୍ ସମ୍ବନ୍ଧୀୟ ସୋପାନଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

Step 1. Visit our website www.svsodisha.com.

2. Go to Important Links then Click on SVS Establishment Management System.

3. Click on Staff Selection & Login using ID & Password.

4. Go to Acharya Chayan Menu & Click on Place Staff Requirement.

5. Click on Add New Staff Requirement.

6. Fill up all required data & Click on Save and Pay Online Now.

Then make payment online as per the instructions in the website.

7. After successful payment Click on Candidate Registration.

8. Fill up required data of all the Candidates one by one.

9. After completion of data entry of all candidates to get DR go to Report Part & Click on Candidate List (Applied).

(ଘ) ଆବେଦନ ପତ୍ର ବିକ୍ରି କରିବା ସମୟରେ ନିଜ ଶିଶୁ ବିଦ୍ୟା ମନ୍ଦିରର ମୋହର ନିର୍ଦ୍ଧାରିତ ସ୍ଥାନରେ ଲଗାଇବା ସହ କ୍ରମିକ ନମ୍ବର ଏବଂ ବିଦ୍ୟାଳୟ ରସିଦ୍ ଦେବାକୁ ହେବ । **ବର୍ତ୍ତମାନ ସମୟରେ ନିଜ ବିଦ୍ୟାଳୟର ଆଚାର୍ଯ୍ୟ ଆବଶ୍ୟକ ନ ଥିଲେ ମଧ୍ୟ ଆବେଦନ ପତ୍ର ବିକ୍ରୟ କରିବେ ।** ପରବର୍ତ୍ତୀ ଆବଶ୍ୟକ ସମୟରେ ନିଜ ବିଦ୍ୟାଳୟ ପାଇଁ ପ୍ରାର୍ଥୀ ଦିଆଯାଇପାରିବ ଏବଂ ଯୋଗ୍ୟ ପ୍ରାର୍ଥୀ ଅନ୍ୟ ଯେକୌଣସି ଶିଶୁ/ବିଦ୍ୟା ମନ୍ଦିରର ସେବା ପାଇଁ ୧ମ ଓ ୨ୟ Option ଅନୁସାରେ ବ୍ୟବସ୍ଥା କରାଯାଇପାରିବ ।

(ଙ) ଆବେଦନକାରୀ ଆବେଦନ ପତ୍ର ଶିଶୁ ବିଦ୍ୟା ମନ୍ଦିରରେ ଦାଖଲ କରିବା ସମୟରେ ବିଦ୍ୟାଳୟର ରସିଦ୍ ନ ଥିଲେ ଏବଂ ନିର୍ଦ୍ଧାରିତ ସ୍ଥାନରେ ଆବେଦନକାରୀ ପୂର୍ଣ୍ଣ ସ୍ୱାକ୍ଷର କରି ନ ଥିଲେ ତାହା ଖାରଜ ହୋଇଯିବ ।

(ଚ) ଆବେଦନ ପତ୍ରର ନିର୍ଦ୍ଧାରିତ ସ୍ଥାନରେ ସମ୍ପୃକ୍ତ ବିଦ୍ୟାଳୟ ସମ୍ପାଦକଙ୍କ ମୋହର ସହିତ ସ୍ୱାକ୍ଷର ନ ଥିଲେ ତାହା ଖାରଜ ହୋଇଯିବ ।

୧୦. (କ) ପ୍ରତ୍ୟେକ ଶିଶୁ ବିଦ୍ୟା ମନ୍ଦିରରେ ଏକ ତିନିଜଣିଆ ଯାଞ୍ଚ ସମିତି ଗଠନ କରିବେ । ଉକ୍ତ ସମିତିରେ ସଂପାଦକଙ୍କ ସହିତ ୨ଜଣ ଶିକ୍ଷାବିତ୍ ନିଶ୍ଚିତ ରହିବେ ଏବଂ ପ୍ରଧାନାଚାର୍ଯ୍ୟ ସମସ୍ତ ପ୍ରମାଣପତ୍ର ଯାଞ୍ଚ କାର୍ଯ୍ୟ କରିବାରେ ସାହାଯ୍ୟ କରିବେ । ଏଣୁ ଯଥେଷ୍ଟ ସମୟ ପୂର୍ବରୁ କେଉଁ ଶିକ୍ଷାବିତ୍‌ମାନେ ଯାଞ୍ଚ ସମିତିରେ ରହିବେ ତାହା ପରିଚାଳନା ସମିତି ବୈଠକରେ ନିଷ୍ପତ୍ତି ହୋଇଥିବା ଦରକାର ।

(ଖ) ଉକ୍ତ ଯାଞ୍ଚ ସମିତି ହିଁ ବିଦ୍ୟାଳୟ ସ୍ତରରେ ଆଚାର୍ଯ୍ୟ ଚୟନ ସମ୍ବନ୍ଧୀୟ ସମସ୍ତ ପଦକ୍ଷେପ ଗ୍ରହଣ କରିବେ। ଆବଶ୍ୟକ ସ୍ଥଳେ ଆବେଦନକାରୀଙ୍କ ପ୍ରତ୍ୟକ୍ଷ ଶ୍ରେଣୀ ଶିକ୍ଷଣ (Classroom Teaching) କରାଇପାରିବେ । କିନ୍ତୁ ଯୋଗଦାନ ପୂର୍ବରୁ ଆଚାର୍ଯ୍ୟ ଚୟନରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କୁ ପ୍ରତ୍ୟକ୍ଷ ଶ୍ରେଣୀ ଶିକ୍ଷଣ (Classroom Teaching) କରାଇବେ ନାହିଁ ।

(ଗ) ଆଚାର୍ଯ୍ୟ ଚୟନ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ଆବେଦନପତ୍ରଗୁଡ଼ିକୁ ସ୍ଥାନୀୟ ସ୍ତରରେ ଯାଞ୍ଚ କଲାପରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ Website :- www.svsodisha.comରେ ଉପଲବ୍ଧ ଥିବା Admin log in କରି Acharya Chayan menuରେ ଥିବା Candidate Registrationରେ ପ୍ରତ୍ୟେକ Application formର ତଥ୍ୟ (Data) ଗୁଡ଼ିକୁ ସଠିକ୍ ଭାବେ Entry କରିବେ । Entry ସମୟରେ Candidate **କେଉଁ ବିଭାଗର କେଉଁ ବିଷୟ** ନିମନ୍ତେ ଆବେଦନ କରିଛନ୍ତି ଏହାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଅନୁରୋଧ ।

(ଘ) ଉପର୍ଯ୍ୟୁକ୍ତ ସମସ୍ତ ତଥ୍ୟ (ଆବେଦନ ପତ୍ର (Application Form), ଆଚାର୍ଯ୍ୟ ଆବଶ୍ୟକ ପ୍ରପତ୍ର (Staff Requirement Form), ବିବରଣୀ ପତ୍ରକ (DR)) ସଠିକ୍ ଭାବେ ଯାଞ୍ଚ କରି ଆସନ୍ତା ୧୮ ରୁ ୨୦ ଡିସେମ୍ବର ୨୦୨୩ ମଧ୍ୟରେ ନିଜେ ପ୍ରଧାନାଚାର୍ଯ୍ୟ ସାଥିରେ ଆଣି ସମ୍ଭାଗ ଦ୍ୱାରା ଚୟନିତ କେନ୍ଦ୍ରରେ ଦାଖଲ କରିବେ ।

୧୧. ଆପଣଙ୍କ ପାଖରେ ପହଞ୍ଚିଥିବା ଆବେଦନପତ୍ରଗୁଡ଼ିକ ନିମ୍ନଦର୍ଶିତ ଦୃଷ୍ଟିକୋଣରୁ ବିଚାର କରି ସମ୍ଭାଗ କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ ।

(କ) ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତା ଠିକ୍ ଥିବ ଓ ବୟସ **୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ୪୫ ବର୍ଷ**ରୁ ଅଧିକ ହୋଇ ନଥିବ ।

(ଖ) OTET, OSTET, CTET ଥିଲେ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଚୟନିତ କରିବେ ।

(ଗ) ପ୍ରାର୍ଥୀ ଆବେଦନ କରିଥିବା ବିଦ୍ୟାଳୟର ପରିଚାଳନା ସମିତି ଅନ୍ତର୍ଭୁକ୍ତ ସଦସ୍ୟମାନଙ୍କର କିମ୍ବା ବର୍ତ୍ତମାନ ଥିବା ଆଚାର୍ଯ୍ୟ, ଆଚାର୍ଯ୍ୟା ବା ଅନ୍ୟ ସେବାବ୍ରତୀମାନଙ୍କ ନିକଟ ସଂପର୍କୀୟ ହୋଇ ନ ଥିବେ ।

(ଘ) ସ୍ଥାୟିତ୍ୱ ଦୃଷ୍ଟିରୁ ପ୍ରାର୍ଥୀଙ୍କର ମନୋଭାବ ଅନୁକୂଳ ଥିବ ।

(ଙ) ସଂଗଠନର ବିଚାର ପ୍ରତି ପ୍ରାର୍ଥୀ ଆସ୍ଥାପୋଷଣ କରୁଥିବେ ।

(ଚ) ପ୍ରାର୍ଥୀଙ୍କର ବ୍ୟବହାର କୁଶଳତା ବା ଶିଷ୍ଟାଚାର ଠିକ୍ ଥିବ ।

(ଛ) ସାଧୁତା ଓ ସରଳ ଜୀବନ ଯାପନ ପ୍ରଣାଳୀର ଦୃଷ୍ଟିଭଙ୍ଗୀ ଥିବ ।

(ଜ) କୌଣସି ଶିକ୍ଷାନୁଷ୍ଠାନ ବା ସଂସ୍ଥାରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ପ୍ରାର୍ଥୀ ଅଯୋଗ୍ୟ ଘୋଷିତ ହେବେ ।

(ଝ) ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ ଏବଂ ଗୁରୁତର ଅଭିଯୋଗରେ ଅଭିଯୁକ୍ତ ପ୍ରାର୍ଥୀ ଅଯୋଗ୍ୟ ଘୋଷିତ ହେବେ ।

(ଞ) ଅନ୍ୟ କୌଣସି ସଂସ୍ଥାରେ ଲାଭଜନକ କାରବାରରେ ଲିପ୍ତ ନ ଥିବେ ।

(ଟ) ବିଦ୍ୟାଭାରତୀଙ୍କ ଲକ୍ଷ୍ୟ ଓ ଭାରତୀୟ ସଂସ୍କୃତି ପରମ୍ପରା ପ୍ରତି ଶ୍ରଦ୍ଧା ଓ ଆସ୍ଥା ଥିବା ଆବଶ୍ୟକ ।

ଉପର୍ଯ୍ୟୁକ୍ତ ବିଷୟକୁ ଦୃଷ୍ଟିରେ ରଖି ପ୍ରାର୍ଥୀଙ୍କୁ ସେବା ଦେବା ଉଚିତ ହେବ କି ନାହିଁ ତାହା ବିବରଣୀ ପତ୍ର DR (Format) ର ମତାମତ ସ୍ତମ୍ଭରେ ନିଶ୍ଚୟ ଉଲ୍ଲେଖ କରିବେ ।

୧୨. ବିବରଣୀ ପତ୍ର (DR) ପଠାଇବା ସମ୍ବନ୍ଧୀୟ ସୂଚନା -

(କ) ଉପଯୁକ୍ତ କାରଣ ନ ଥାଇ ଯାଞ୍ଚ ସମୟରେ କାହାରି ନାମକୁ ଅଯୋଗ୍ୟ ନ କରିବା ଉଚିତ ଏବଂ ଯେଉଁମାନେ ଅଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନଙ୍କ ନିମନ୍ତେ ବିବରଣୀ ପତ୍ର (DR)ର ମତାମତ ସ୍ତମ୍ଭରେ ଏହାର କାରଣ ନିଶ୍ଚୟ ଉଲ୍ଲେଖ କରିବେ।

(ଖ) ବିବରଣୀ ପତ୍ର (DR) ଶେଷ ଭାଗରେ ନିର୍ଦ୍ଧାରିତ ସ୍ଥାନରେ ଯାଞ୍ଚ ସମିତିର ସମସ୍ତ ସଦସ୍ୟଙ୍କ ସ୍ୱାକ୍ଷର ରହିବ ତଥା ସଂପାଦକ ଓ ପ୍ରଧାନାଚାର୍ଯ୍ୟଙ୍କ ସ୍ୱାକ୍ଷର ସ୍ଥାନରେ ନିଜର ସ୍ୱାକ୍ଷର କରି ମୋହର ଲଗାଇବେ ।

(ଗ) ବିଦ୍ୟା ମନ୍ଦିର ନିମନ୍ତେ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ସ୍ଥାନରେ ସଂପୃକ୍ତ ବିଷୟ ନାମ ନିଶ୍ଚୟ ଉଲ୍ଲେଖ କରିବେ ।

(ଘ) ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବିବରଣୀ ପତ୍ର (Format) ଏବଂ ଅଯୋଗ୍ୟ ଘୋଷିତ ପ୍ରାର୍ଥୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବିବରଣୀ ପତ୍ର (Format) Websiteରୁ ବାହାର କରିବେ ।

(ଙ) ଯୋଗ୍ୟ ବିବେଚିତ ବିବରଣୀ ପତ୍ରରେ ଅଯୋଗ୍ୟ ଘୋଷିତ ପ୍ରାର୍ଥୀଙ୍କ ନାମ କିମ୍ବା ଅଯୋଗ୍ୟ ଘୋଷିତ ବିବରଣୀ ପତ୍ରରେ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ନାମ ରହିବ ନାହିଁ ।

(ଚ) ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କ ନାମ ନିମ୍ନମତେ ଅଲଗା ଅଲଗା କରି ସ୍ୱତନ୍ତ୍ର ବିବରଣୀ ପତ୍ରରେ ପଠାଇବେ ଯଥା :

୧– ଶିଶୁ ମନ୍ଦିର ସାଧାରଣ ବିଷୟ– (ଶିଶୁବାଟିକା ଓ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧରେ ଶିକ୍ଷାଦାନ କରିବାକୁ ଥିବା ଆଚାର୍ଯ୍ୟ)

୨– ଶିଶୁ ମନ୍ଦିର କ୍ଲାସିକାଲ ବିଷୟ –(ହିନ୍ଦୀ, ସଂସ୍କୃତ, ସଂଗୀତ, ନୃତ୍ୟ, ଚିତ୍ରକଳା, କାର୍ଯ୍ୟାଳୟ, କମ୍ପ୍ୟୁଟର, P.E.T. ଓ ଯୋଗ)

୩– ବିଦ୍ୟା ମନ୍ଦିର ବିଷୟ ନବମ ଓ ଦଶମ ଶ୍ରେଣୀ **କଳା ବିଭାଗ** – (ଓଡ଼ିଆ, ଗଣିତ, ଇତିହାସ, ଭୂଗୋଳ, ଇଂରାଜୀ, ହିନ୍ଦୀ, P.E.T., ସଂସ୍କୃତ) **ବିଜ୍ଞାନ ବିଭାଗ** – (PCM, CBZ, Mathematics)

୧୩. ପ୍ରତ୍ୟେକ ସମ୍ଭାଗରେ ଆବଶ୍ୟକତା ଆଧାରରେ ୩/୪ଟି ଲେଖାଏଁ ଆଚାର୍ଯ୍ୟ ଚୟନ ପରୀକ୍ଷା କେନ୍ଦ୍ର ସ୍ଥିର ହେବ ଏବଂ ଲିଖିତ ଓ ମୌଖିକ ପରୀକ୍ଷା ମାଧ୍ୟମରେ ଆଚାର୍ଯ୍ୟ ଚୟନ କରାଯିବ ।

୧୪. ପ୍ରତ୍ୟେକ ଶିଶୁ ବିଦ୍ୟା ମନ୍ଦିର ଆବଶ୍ୟକତା ଅନୁସାରେ ଶିଶୁ ମନ୍ଦିର ସାଧାରଣ ବିଷୟ, କ୍ଲାସିକାଲ ବିଷୟ ଏବଂ ବିଦ୍ୟା ମନ୍ଦିର ପାଇଁ ସ୍ୱତନ୍ତ୍ର ପ୍ୟାନେଲ୍ ପଠାଯିବ ।

୧୫. ଉକ୍ତ ପ୍ୟାନେଲ୍‌କୁ ମାନ୍ୟତା ଦେଇ ଆର୍ଯ୍ୟାଆର୍ଯ୍ୟା ଆବଶ୍ୟକତା ଅନୁସାରେ ୨୦୨୪ ମସିହା ଏପ୍ରିଲ ପ୍ରଥମ ସପ୍ତାହ ମଧରେ ସେମାନଙ୍କୁ ସେବାରେ ଯୋଗଦାନ କରାଇ ପରବର୍ତ୍ତୀ ସମୟରେ ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣକୁ ନିଶ୍ଚିତ ପଠାଇବେ । ଉଲ୍ଲେଖଯୋଗ୍ୟ ଯେ, ସେବାରେ ଯୋଗଦାନ କରି ନ ଥିଲେ କୌଣସି ପରିସ୍ଥିତିରେ ଉକ୍ତ ପ୍ରଶିକ୍ଷଣକୁ କାହାରିକୁ ପଠାଇବେ ନାହିଁ ।

୧୬. ଗତ ଦିନରେ ସ୍ଥାନୀୟ ସ୍ତରରେ ସ୍ୱଳ୍ପକାଳୀନ (ଅସ୍ଥାୟୀ) ସେବାରେ ଥାଇ ଯଦି କୌଣସି ଆଚାର୍ଯ୍ୟ ଆଚାର୍ଯ୍ୟା ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ଆୟୋଜିତ ଆଚାର୍ଯ୍ୟ ଚୟନ ପରୀକ୍ଷାରେ ଭାଗ ନେଇ ଉତ୍ତୀର୍ଣ୍ଣ ହୋଇ ନ ଥାନ୍ତି ତେବେ ସେମାନଙ୍କୁ ନିୟମିତ ଆଚାର୍ଯ୍ୟ ଭାବେ ଗ୍ରହଣ କରାଯିବ ନାହିଁ । ସେଭଳି ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ୩୧ ମାର୍ଚ୍ଚ, ୨୦୨୪ ପୂର୍ବରୁ କାର୍ଯ୍ୟରୁ ଅବ୍ୟାହତି ପ୍ରଦାନ କରିବେ । ଯଦି କେହି ଆଚାର୍ଯ୍ୟ ଆଚାର୍ଯ୍ୟା ଥାଆନ୍ତି ତେବେ ସେମାନେ ଆଗାମୀ ଆର୍ଯ୍ୟ ଚୟନ ପରୀକ୍ଷାରେ ଭାଗ ନେଇ କୃତକାର୍ଯ୍ୟ ହେବାକୁ ପଡ଼ିବ ।

୧୭. ପ୍ରତ୍ୟେକ ଶିଶୁ ବିଦ୍ୟା ମନ୍ଦିର ଆଚାର୍ଯ୍ୟ ଚୟନ ସମ୍ବନ୍ଧୀୟ କୌଣସି ବିଷୟ ବୁଝିବା ପାଇଁ ଥିଲେ ସମ୍ଭାଗ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବେ ଏବଂ ସମସ୍ତ କାଗଜପତ୍ରର ପତ୍ର ବିନିମୟ ସମ୍ଭାଗ କାର୍ଯ୍ୟାଳୟ ସହ କରିବେ ।

ଭବଦୀୟ

(ସ୍ୱାକ୍ଷର)

**ସମ୍ପାଦକ**

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

*ଜ୍ଞାପକ ସଂଖ୍ୟା – ୧୭୦୪/୨୩ ଦିନାଙ୍କ :– ୧୬.୧୦.୨୦୨୩*

ଏହାର ଏକକିତା ନକଲ ସମ୍ଭାଗ ସମ୍ପାଦକ, ସଂଯୋଜକ, ଜିଲ୍ଲା ପ୍ରମୁଖ, ସହ ଜିଲ୍ଲା ପ୍ରମୁଖ, ବିଭାଗ ନିରୀକ୍ଷକ, ସଂକୁଳ ପ୍ରମୁଖ, ସଂକୁଳ ସଂଯୋଜକ, ପ୍ରାଦେଶିକ କାର୍ଯ୍ୟକର୍ତ୍ତାଙ୍କ ଓ ସମସ୍ତ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷର)

**ସମ୍ପାଦକ**

# ଆଚାର୍ଯ୍ୟ ଆବଶ୍ୟକ

## ଶିକ୍ଷା ବିକାଶ ସମିତି, ଓଡ଼ିଶା

ଇ-୫୯, ସେକ୍ଟର-ଏ,ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର -୧୦ Website :- www.svsodisha.com

ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଯୋଜନାରେ ଓଡ଼ିଶା ପ୍ରଦେଶରେ ଗ୍ରାମୀଣ ଓ ନଗରୀୟ ସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳିତ ହେଉଅଛି । ଏହିସବୁ ଶିକ୍ଷାନୁଷ୍ଠାନରେ ଆସନ୍ତା ଶିକ୍ଷାବର୍ଷ (୨୦୨୪-୨୫) ନିମନ୍ତେ ସେବାବ୍ରତୀ ଆଚାର୍ଯ୍ୟ/ଆଚାର୍ଯ୍ୟା ଆବଶ୍ୟକ । ଆଶାୟୀ ପ୍ରାର୍ଥୀ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ବିଜ୍ଞାପନ ଅନୁସାରେ ଯେକୌଣସି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ତା ୧୫.୧୧.୨୦୨୩ ଠାରୁ ତା ୦୮.୧୨.୨୦୨୩ରିଖି ମଧ୍ୟରେ ଟ.୨୦୦.୦୦ (ଦୁଇ ଶହ ଟଙ୍କା ମାତ୍ର) ବିନିମୟରେ ଫର୍ମ କ୍ରୟ କରି ସଂପୃକ୍ତ ଶିଶୁ ବିଦ୍ୟା ମନ୍ଦିରରେ ଦାଖଲ କରିବେ । ଦରଖାସ୍ତକାରୀଙ୍କ ମଧ୍ୟରୁ ଅଳ୍ପ ସଂଖ୍ୟକ (Shortlisted) ପ୍ରାର୍ଥୀଙ୍କୁ ସେମାନଙ୍କର ଯୋଗ୍ୟତା ଓ ସଂପୃକ୍ତ ଶିଶୁ ବିଦ୍ୟା ମନ୍ଦିରର ଆବଶ୍ୟକତା ଆଧାରରେ ଲିଖିତ ପରୀକ୍ଷାର ସୁଯୋଗ ଦିଆଯିବ ଏବଂ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କର ହିଁ ସେହି ଦିନ ମୌଖିକ ସାକ୍ଷାତକାର ନିଆଯିବ । ଲିଖିତ ଓ ମୌଖିକ ପରୀକ୍ଷାର ଫଳାଫଳ ଅନୁସାରେ ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିରର ବ୍ୟବସ୍ଥା ଓ ଆବଶ୍ୟକତା ଆଧାରରେ ସେବାବ୍ରତୀ ଭାବରେ ଯୋଗଦାନ ବ୍ୟବସ୍ଥା ରହିବ ।

| କ୍ର | ବିଭାଗ | ବିଷୟ | ନ୍ୟୁନତମ ଯୋଗ୍ୟତା | ବୟସ |
|---|---|---|---|---|
| ୧. | ଶିଶୁ ମନ୍ଦିର | ସାଧାରଣ ବିଷୟ | ସ୍ନାତକ ସହିତ B.Ed. କିମ୍ବା +୨ ସହିତ CT / D.El.Ed. | ୩୧.୦୩.୨୦୨୪ ସୁଦ୍ଧା ୪୫ ବର୍ଷରୁ ଅଧିକ ହୋଇ ନ ଥିବ । |
| ୨. | ବିଦ୍ୟା ମନ୍ଦିର | ଗଣିତ, ବିଜ୍ଞାନ (PCM), ବିଜ୍ଞାନ (CBZ), ଇତିହାସ, ଭୂଗୋଳ, ଓଡ଼ିଆ, ଇଂରାଜୀ | ସଂପୃକ୍ତ ବିଷୟରେ ସ୍ନାତକ ସହିତ B.Ed. | |
| | | ହିନ୍ଦୀ ଓ ସଂସ୍କୃତ, P.E.T. | ହିନ୍ଦୀ ବିଷୟ ପାଇଁ +୩ ସହିତ B.Ed ଥାଇ କୋବିଦ /ରତ୍ନ କିମ୍ବା +୩ରେ ହିନ୍ଦୀ ବିଷୟ ଥାଇ B.Ed, ସଂସ୍କୃତ ବିଷୟ ପାଇଁ ସ୍ୱୀକୃତିପ୍ରାପ୍ତ ବିଶ୍ୱ ବିଦ୍ୟାଳୟରୁ ଶିକ୍ଷା ଶାସ୍ତ୍ରୀ ବା ତତୁଲ୍ୟ କିମ୍ବା + ୩ ରେ ସଂସ୍କୃତ ବିଷୟ ଥାଇ B.Ed, P.E.T. ପାଇଁ +୩ ସହିତ C.P.Ed. / B.P.Ed. | |
| ୩. | କ୍ଲାସିକାଲ | କମ୍ପ୍ୟୁଟର, ହିନ୍ଦୀ, ସଂସ୍କୃତ, ଚିତ୍ରକଳା, ସଂଗୀତ,ନୃତ୍ୟ, P.E.T., ଯୋଗ, କାର୍ଯ୍ୟାଳୟ | କମ୍ପ୍ୟୁଟର ପାଇଁ + ୩ରେ କମ୍ପ୍ୟୁଟର ବିଷୟ କିମ୍ବା ବି.ସି.ଏ ବା କୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱ ବିଦ୍ୟାଳୟରୁ ତତୁଲ୍ୟ ଯୋଗ୍ୟତା, ହିନ୍ଦୀ ବିଷୟ ପାଇଁ +୩ ସହିତ B.Ed ଥାଇ କୋବିଦ /ରତ୍ନ କିମ୍ବା +୩ରେ ହିନ୍ଦୀ ବିଷୟ ଥାଇ B.Ed, ସଂସ୍କୃତ ବିଷୟ ପାଇଁ ସ୍ୱୀକୃତିପ୍ରାପ୍ତ ବିଶ୍ୱ ବିଦ୍ୟାଳୟରୁ ଶିକ୍ଷା ଶାସ୍ତ୍ରୀ ବା ତତୁଲ୍ୟ କିମ୍ବା + ୩ ରେ ସଂସ୍କୃତ ବିଷୟ ଥାଇ B.Ed, ଚିତ୍ରକଳା ପାଇଁ B.F.A., ସଙ୍ଗୀତ ପାଇଁ B. Music, ନୃତ୍ୟ ପାଇଁ B. Dance, P.E.T. ପାଇଁ +୩ ସହିତ C.P.Ed./ B.P.Ed., ଯୋଗ ପାଇଁ +୩ ସହିତ Diploma in Yoga କିମ୍ବା ତଦୁର୍ଦ୍ଧ୍ୱ, କାର୍ଯ୍ୟାଳୟ ସହାୟକ ନିମନ୍ତେ ସ୍ନାତକ ସହିତ Tally, Computerରେ ଦକ୍ଷତା ଥିଲେ ଆବେଦନ କରିପାରିବେ । | |

ସବିଶେଷ ବିବରଣୀ ଏବଂ ପରବର୍ତ୍ତୀ ସୂଚନା ପାଇଁ ପାଇଁ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ **Website :- www.svsodisha.com** Visit କରନ୍ତୁ ।

ସ୍ୱା/-
ସମ୍ପାଦକ

বিদ্যা ভারতী

# ଶିକ୍ଷା ବିକାଶ ସମିତି, ଓଡ଼ିଶା

ପଞ୍ଜିକରଣ କ୍ରମାଙ୍କ : ବି.ବି.ଏସ୍.ଆର. ୪୬୮୩୮/୧୯୮୪-୮୫ ଏବଂ ୨୨୪୮୬/୭୬/୨୦୦୭-୦୮ ରେଜିଷ୍ଟ୍ରାର ଅଫ ସୋସାଇଟିଜ୍, ଓଡ଼ିଶା, କଟକ ।
ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ, ଲକ୍ଷ୍ନୌ ସହ ଅନୁବନ୍ଧିତ

ସରସ୍ୱତୀ କୁଞ୍ଜ, ଇ - ୫୯, ସେକ୍ଟର - ଏ, ଜୋନ୍ - ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
ଦୂରଭାଷ - ୯୪୩୭୩୯୪୪୭୭ E-mail : svsodisha1977@gmail.com, Website : www.svodisha.com


# ଆଚାର୍ଯ୍ୟ ଚୟନ ପରୀକ୍ଷା ନିୟମାବଳୀ-୨୦୨୪

**ପରୀକ୍ଷା ବ୍ୟବସ୍ଥା :-**

ଆଚାର୍ଯ୍ୟ ଚୟନ ପରୀକ୍ଷା ବ୍ୟବସ୍ଥା ସାଧାରଣତଃ ତିନୋଟି ଭାଗରେ ବିଭକ୍ତ ଯଥା - (୧) ଶିଶୁ ମନ୍ଦିର (**ସାଧାରଣ**) (ଶିଶୁବାଟିକା ଏବଂ ୧ମ ଠାରୁ ୮ମ ଶ୍ରେଣୀ) ବିଷୟର ଆଚାର୍ଯ୍ୟ ଚୟନ ପରୀକ୍ଷା, (୨) କ୍ଲାସିକାଲ (**ଶିଶୁ ମନ୍ଦିର**) (ହିନ୍ଦୀ, ସଂସ୍କୃତ, ସଂଗୀତ, ନୃତ୍ୟ, ଚିତ୍ରକଳା, କାର୍ଯ୍ୟାଳୟ ସହାୟକ, P.E.T.,କମ୍ପ୍ୟୁଟର, ଯୋଗ) ବିଷୟର ଆଚାର୍ଯ୍ୟ ଚୟନ ପରୀକ୍ଷା । (୩) **ବିଦ୍ୟା ମନ୍ଦିର** (୯ମ ଓ ୧୦ମ) ବିଷୟର ଆଚାର୍ଯ୍ୟ ଚୟନ (ଓଡ଼ିଆ, ଇଂରାଜୀ, ସଂସ୍କୃତ, ହିନ୍ଦୀ, ଇତିହାସ, ଭୂଗୋଳ, P.E.T. , ବିଜ୍ଞାନ(PCM, CBZ), , ଗଣିତ) ପରୀକ୍ଷା।

**ଆବେଦନ ବିଷୟ ଓ ପରୀକ୍ଷା ବିଧି :-**

**୧) ଶିଶୁ ମନ୍ଦିର (ସାଧାରଣ) ଆଚାର୍ଯ୍ୟ ଚୟନ :** ଶିଶୁ ମନ୍ଦିର ବିଭାଗରେ ଶିଶୁ ପ୍ରାରମ୍ଭ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଶିକ୍ଷାଦାନ କରିବାକୁ ହୁଏ । ଏହି ପରୀକ୍ଷାରେ ଗଣିତ-୨୦ ନମ୍ବର, ସାହିତ୍ୟ-୨୦ ନମ୍ବର, ଇଂରାଜୀ-୨୦ ନମ୍ବର, ସାଧାରଣଜ୍ଞାନ-୨୦ ନମ୍ବର, ମୌଖିକ ପରୀକ୍ଷା-୨୦ ନମ୍ବର ସର୍ବମୋଟ ୧୦୦ ନମ୍ବର ।

**୨) ଶିଶୁ ମନ୍ଦିର (କ୍ଲାସିକାଲ) ଆଚାର୍ଯ୍ୟ ଚୟନ :**

ଶିଶୁ ମନ୍ଦିର ବିଭାଗର ବିଷୟ ବ୍ୟତୀତ ଅନ୍ୟ ବିଷୟରେ ରୁଚିଥିବା ବ୍ୟକ୍ତି ଆବେଦନ କରିପାରିବେ । ଏହି ପରୀକ୍ଷାରେ ହିନ୍ଦୀ, ସଂସ୍କୃତ, ସଂଗୀତ, ନୃତ୍ୟ, ଚିତ୍ରକଳା, କାର୍ଯ୍ୟାଳୟ ସହାୟକ, P.E.T. ,କମ୍ପ୍ୟୁଟର, ଯୋଗ ବିଷୟରେ ପ୍ରଶ୍ନ ଆସିଥାଏ । ପ୍ରାର୍ଥୀ ଉପର୍ଯ୍ୟୁକ୍ତ ଯେକୌଣସି ଗୋଟିଏ ବିଷୟରେ ନିଜର ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପରୀକ୍ଷା ଦେଇପାରିବେ । ସଂପୃକ୍ତ ବିଷୟରୁ ୬୦ ନମ୍ବର, ସାଧାରଣଜ୍ଞାନ-୨୦ ନମ୍ବର, ମୌଖିକ ପରୀକ୍ଷା ୨୦ ନମ୍ବର ସର୍ବମୋଟ ୧୦୦ ନମ୍ବରର ପରୀକ୍ଷା ଦେବାକୁ ପଡ଼ିଥାଏ। (ଉଦାହରଣ - ସଂଗୀତ ୬୦ + ସାଧାରଣଜ୍ଞାନ ୨୦ + ମୌଖିକ ପରୀକ୍ଷା ୨୦ = ୧୦୦ ନମ୍ବର ।)

**୩) ବିଦ୍ୟା ମନ୍ଦିର ଆଚାର୍ଯ୍ୟ ଚୟନ :**

ବିଦ୍ୟା ମନ୍ଦିର ବିଭାଗରେ ନବମ ଶ୍ରେଣୀ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବାକୁ ହୁଏ । ଏହି ପରୀକ୍ଷାରେ ଓଡ଼ିଆ, ଇଂରାଜୀ, ସଂସ୍କୃତ, ହିନ୍ଦୀ, ଇତିହାସ, ଭୂଗୋଳ, P.E.T., ବିଜ୍ଞାନ(PCM, CBZ), , ଗଣିତ ବିଷୟରୁ ପ୍ରଶ୍ନ ଆସିଥାଏ । ପ୍ରାର୍ଥୀ ଉପର୍ଯ୍ୟୁକ୍ତ ଯେକୌଣସି ଗୋଟିଏ ବିଷୟରେ ନିଜର ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପରୀକ୍ଷା ଦେଇପାରିବେ । ସଂପୃକ୍ତ ବିଷୟରୁ ୬୦ ନମ୍ବର, ସାଧାରଣଜ୍ଞାନ-୨୦ ନମ୍ବର, ମୌଖିକ ପରୀକ୍ଷା ୨୦ ନମ୍ବର ସର୍ବମୋଟ ୧୦୦ ନମ୍ବରର ପରୀକ୍ଷା ଦେବାକୁ ପଡ଼ିଥାଏ । (ଉଦାହରଣ - ଗଣିତ ୬୦ + ସାଧାରଣଜ୍ଞାନ ୨୦ + ମୌଖିକ ପରୀକ୍ଷା ୨୦ = ୧୦୦ ନମ୍ବର ।)

**ପରୀକ୍ଷା ସମୟ :** ୦୧ଘ.୩୦ମି. । ସକାଳ ଘ. ୧୦.୦୦ମି.ରୁ ଆରମ୍ଭ ହୋଇ ଘ.୧୧.୩୦ମି.ରେ ଶେଷ ହୋଇଥାଏ । ଏଣୁ ପରୀକ୍ଷା କେନ୍ଦ୍ରରେ ୩୦ ମିନିଟ୍ ପୂର୍ବରୁ ପହଞ୍ଚିବା ନିତାନ୍ତ ଆବଶ୍ୟକ ।

**ଶିକ୍ଷାଗତ ଯୋଗ୍ୟତା :**

୧) **ଶିଶୁ ମନ୍ଦିର ସାଧାରଣ ବିଷୟ** ଆଚାର୍ଯ୍ୟ ଚୟନ ପରୀକ୍ଷା ଦେବା ପାଇଁ ଜଣେ ପ୍ରାର୍ଥୀ ସାଧାରଣତଃ ସ୍ନାତକ (+୩) ସହିତ B.Ed., କିମ୍ବା +୨ ସହିତ CT / D.El.Ed. ହୋଇଥିବା ଆବଶ୍ୟକ । ପ୍ରାର୍ଥୀ ଓଡ଼ିଆ ଭାଷାରେ ସର୍ବନିମ୍ନ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ଆବଶ୍ୟକ ।

୨) **କ୍ଲାସିକାଲ** ଆଚାର୍ଯ୍ୟ ଚୟନ ପରୀକ୍ଷା ଦେବା ପାଇଁ କମ୍ପ୍ୟୁଟର ପାଇଁ + ୩ରେ କମ୍ପ୍ୟୁଟର ବିଷୟ କିମ୍ବା ବି.ସି.ଏ ବା କୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱ ବିଦ୍ୟାଳୟରୁ ତତ୍ତୁଲ୍ୟ ଯୋଗ୍ୟତା, ହିନ୍ଦୀ ବିଷୟ ପାଇଁ +୩ ସହିତ B.Ed ଥାଇ କୋବିଦ /ରତ୍ନ କିମ୍ବା +୩ରେ ହିନ୍ଦୀ ବିଷୟ ଥାଇ B.Ed, ସଂସ୍କୃତ ବିଷୟ ପାଇଁ ସ୍ୱୀକୃତିପ୍ରାପ୍ତ ବିଶ୍ୱ ବିଦ୍ୟାଳୟରୁ ଶିକ୍ଷା ଶାସ୍ତ୍ରୀ ବା ତତ୍ତୁଲ୍ୟ କିମ୍ବା + ୩ ରେ ସଂସ୍କୃତ ବିଷୟ ଥାଇ B.Ed, ଚିତ୍ରକଳା ପାଇଁ B.F.A., ସଙ୍ଗୀତ ପାଇଁ B. Music, ନୃତ୍ୟ ପାଇଁ B. Dance, P.E.T. ପାଇଁ +୩ ସହିତ C.P.Ed. / B.P.Ed., ଯୋଗ ପାଇଁ +୩ ସହିତ Diploma in Yoga କିମ୍ବା ତଦୁର୍ଦ୍ଧ୍ୱ, କାର୍ଯ୍ୟାଳୟ ସହାୟକ ନିମନ୍ତେ ସ୍ନାତକ ସହିତ Tally, Computerରେ ଦକ୍ଷତା ଥିଲେ ଆବେଦନ କରିପାରିବେ ।

୩) **ବିଦ୍ୟା ମନ୍ଦିର** ଆଚାର୍ଯ୍ୟ ଚୟନ ପରୀକ୍ଷା ଦେବା ପାଇଁ ଜଣେ ପ୍ରାର୍ଥୀଙ୍କର ସଂପୃକ୍ତ ବିଷୟରେ ସ୍ନାତକ ସହିତ B.Ed ଯୋଗ୍ୟତା ରହିଥିବା ଆବଶ୍ୟକ ।

**ବୟସ :-** ତା ୩୧.୦୩.୨୦୨୪ ସୁଦ୍ଧା ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ୪୫ ବର୍ଷ ରୁ ଅଧିକ ହୋଇ ନ ଥିବ ।

**ଆବେଦନ ବ୍ୟବସ୍ଥା :-**

୧) ଆବେଦନ ପତ୍ରର ମୂଲ୍ୟ ଟ. ୨୦୦.୦୦ (ଦୁଇ ଶହ ଟଙ୍କା ମାତ୍ର)

୨) ଏହା ସମସ୍ତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆସନ୍ତା ତା ୧୫.୧୧.୨୦୨୩ ଠାରୁ ତା ୦୮.୧୨.୨୦୨୩ରିଖ ପର୍ଯ୍ୟନ୍ତ ପ୍ରାପ୍ତ ହୋଇପାରିବେ ।

୩) **ଆବେଦନ କରିବାର ଶେଷ ତାରିଖ ତା ୦୮.୧୨.୨୦୨୩ରିଖ ।**

୪) ଦରଖାସ୍ତ କରିଥିବା ଶିଶୁ ବିଦ୍ୟା ମନ୍ଦିରରେ ସ୍ଥାନ ଖାଲି ନ ଥିଲେ ପ୍ରାର୍ଥୀ/ପ୍ରାର୍ଥିନୀ ଉଲ୍ଲେଖ କରିଥିବା ତିନୋଟି ଶିଶୁ ବିଦ୍ୟା ମନ୍ଦିର ମଧ୍ୟରୁ କୌଣସି ସ୍ଥାନରେ ପଦବୀ ଖାଲି ଥିଲେ କିମ୍ବା ଅନ୍ୟ କୌଣସି ଶିଶୁ ବିଦ୍ୟା ମନ୍ଦିରରେ ସ୍ଥାନ ଖାଲି ଥିଲେ ଯୋଗଦାନ ବ୍ୟବସ୍ଥା କରାଯାଇପାରେ ।

୫) ଆବେଦନ ପତ୍ର ଯେଉଁ ସରସ୍ୱତୀ ଶିଶୁ ମନ୍ଦିରରୁ କ୍ରୟ କରିଥିବେ ସେହିଠାରେ ହିଁ ଆବେଦନ ପତ୍ର ସହିତ ନିମ୍ନଲିଖିତ ପ୍ରମାଣପତ୍ରର ନକଲ ସଂଲଗ୍ନ କରି ଜମା ଦେବେ ।

କ) ଆବେଦନ ପତ୍ର କ୍ରୟ ସମୟରେ ବିଦ୍ୟାଳୟରୁ ପ୍ରାପ୍ତ ରସିଦ (Original) ।

ଖ) ମାଟ୍ରିକ ପରୀକ୍ଷାର ପ୍ରମାଣପତ୍ର ଓ ମାର୍କସିଟ୍‌ର ଅବିକଳ ନକଲ ।

ଗ) ନିଜର ସମସ୍ତ ଶିକ୍ଷାର ପ୍ରମାଣପତ୍ର ଓ ମାର୍କସିଟ୍‌ର ଅବିକଳ ନକଲ ।

ଘ) ସରକାରୀ ପ୍ରଶିକ୍ଷଣ (B.Ed/CT/D,El.Ed.) ପ୍ରମାଣପତ୍ର ଓ ମାର୍କସିଟ୍‌ର ଅବିକଳ ନକଲ ।

ଙ) ଯଦି ଶିକ୍ଷାଦାନର ଅଭିଜ୍ଞତା ଥାଏ ତେବେ ପ୍ରମାଣପତ୍ରର ଅବିକଳ ନକଲ ।

ଚ) ଅତିରିକ୍ତ ଶିକ୍ଷା ଯଥା NCC, NSS, Scout & Guide, Computer, Sports, Social Work, Art, Music & Dance ପ୍ରମାଣପତ୍ରର ନକଲ ।

ଛ) ID ପ୍ରମାଣପତ୍ରର ନକଲ । (Votor ID, PAN Card, Driving Licence, Adhar Card) ଯେକୌଣସି ଗୋଟିଏ।

ଜ) ଗୋଟିଏ ପାସପୋର୍ଟ୍ ସାଇଜ ରଙ୍ଗୀନ ଫଟୋ (ବର୍ତ୍ତମାନର) ।

**ପରୀକ୍ଷା ଦିନାଙ୍କ :-**

ଏହି ଆଚାର୍ଯ୍ୟ ଚୟନ ପରୀକ୍ଷା ଦେବା ପୂର୍ବରୁ ସ୍ଥାନୀୟ ସ୍ତରରେ ଆବେଦନ କରିଥିବା ଶିଶୁ ବିଦ୍ୟା ମନ୍ଦିର ପରିସରରେ ତା ୦୯.୧୨.୨୦୨୩ରିଖ ରୁ ତା ୧୧.୧୨.୨୦୨୩ରିଖ ମଧ୍ୟରେ କୌଣସି ଦିନ ଆପଣଙ୍କ ନିଜ ମୂଳ ପ୍ରମାଣପତ୍ରର ଯାଞ୍ଚ ଓ ସାକ୍ଷାତକାର ହୋଇପାରେ । ଆଚାର୍ଯ୍ୟ ଚୟନ ପରୀକ୍ଷାର ସ୍ଥାନ ଓ ତାରିଖ ପରବର୍ତ୍ତୀ ସମୟରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ Website :- www.svsodisha.comରୁ ସୂଚନା ପ୍ରାପ୍ତ ହେବେ ଏବଂ ଆପଣ ନିଜର Admit Card download କରି, Admit Cardରେ ବର୍ତ୍ତମାନର ନିଜସ୍ୱ ରଙ୍ଗୀନ Passport Size Photograph paste କରିବା ସହିତ ନିଜର Original ID Proof ସାଥିରେ ନେଇ ପରୀକ୍ଷା କେନ୍ଦ୍ରକୁ ଆସିବେ ।

**କ) ଶିଶୁ ମନ୍ଦିର (ସାଧାରଣ ବିଷୟ) ଆଚାର୍ଯ୍ୟ ଚୟନ :** ପରୀକ୍ଷା ତାରିଖ ୦୪ ଓ ୨୫ ଫେବୃଆରୀ ୨୦୨୪

**ଖ) ଶିଶୁ ମନ୍ଦିର (କ୍ଲାସିକାଲ ବିଷୟ) ଆଚାର୍ଯ୍ୟ ଚୟନ :** ପରୀକ୍ଷା ତାରିଖ ୧୧ ଫେବୃଆରୀ ୨୦୨୪

**ଗ) ବିଦ୍ୟା ମନ୍ଦିର ଆଚାର୍ଯ୍ୟ ଚୟନ :** ପରୀକ୍ଷା ତାରିଖ ୧୧ ଫେବୃଆରୀ ୨୦୨୪

**ଘ) ନୂତନ ଶିଶୁ ମନ୍ଦିର (ସାଧାରଣ ବିଷୟ) ଆଚାର୍ଯ୍ୟ ଚୟନ :** ପରୀକ୍ଷା ତାରିଖ ୨୫ ଫେବୃଆରୀ ୨୦୨୪

***ବି.ଦ୍ର. :- Admit Card ପ୍ରତ୍ୟେକ ପରୀକ୍ଷାର ୧୦ ଦିନ ପୂର୍ବରୁ Websiteରେ ଛଡ଼ାଯିବାର ବ୍ୟବସ୍ଥା ରହିବ । ପରୀକ୍ଷାର୍ଥୀ ଓ ପରୀକ୍ଷାର୍ଥିନୀ ପରୀକ୍ଷାକେନ୍ଦ୍ରକୁ ନିଜର ମୂଳ ପ୍ରମାଣପତ୍ରଗୁଡ଼ିକୁ ସାଙ୍ଗରେ ନେଇ ଆସିବେ । ଏହି ପରୀକ୍ଷାରେ ମୂଳ ପ୍ରମାଣପତ୍ର (Original Certificate) ଯାଞ୍ଚ ହେବ । ଲିଖିତ ପରୀକ୍ଷାରେ ଯେଉଁମାନେ କୃତକାର୍ଯ୍ୟ ହେବେ ସେମାନଙ୍କର ସେହି ଦିନ ମୌଖିକ ପରୀକ୍ଷା ଅନୁଷ୍ଠିତ ହେବ । ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀ/ପ୍ରାର୍ଥିନୀ ମୌଖିକ ପରୀକ୍ଷାରେ ଅନୁପସ୍ଥିତ ରହିଲେ ଅଯୋଗ୍ୟ ଘୋଷିତ ହେବେ । ତେଣୁ ଲିଖିତ ଓ ମୌଖିକ ଉଭୟ ପରୀକ୍ଷାରେ ଉପସ୍ଥିତ ରହିବା ଅନିବାର୍ଯ୍ୟ ।***